# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**24 August– 2026**

---

# ଡିଜିଟାଲ ପ୍ରେସ୍କ୍ରିପ୍ସନ

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଡିଜିଟାଲ୍ ପ୍ରେସ୍କ୍ରିପ୍ସନ ବ୍ୟବହାର ଉପରେ ସରକାର ଗୁରୁତ୍ୱ ପ୍ରଦାନ କରିଛନ୍ତି । କେନ୍ଦ୍ର ସରକାରଙ୍କ ପକ୍ଷରୁ ଏ ନେଇ ଏକ ଯୋଜନା ପ୍ରସ୍ତୁତ କରାଯାଇଛି । ରାଜ୍ୟରେ ଖୁବ୍ଶୀଘ୍ର ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଧୁନିକ ପ୍ରଯୁକ୍ତିବିଦ୍ୟାର ଉପଯୋଗକୁ ସରକାର ପ୍ରାଥମିକତା ଦେଉଛନ୍ତି ବୋଲି ସେ କହିଛନ୍ତି । ଡାକ୍ତରଙ୍କ ଦ୍ୱାରା ଲିଖିତ ପ୍ରେସ୍କ୍ରିପ୍ସନ ସ୍କାନ୍ ଆଣ୍ଡ୍ ସେୟାର୍ ଜରିଆରେ ଡିଜି ଲକର୍ରେ ସୁରକ୍ଷିତ ରଖାଯିବ । ଫଳରେ ଚିକିତ୍ସା ପାଇଁ ଭର୍ତ୍ତି ସମୟରେ ରୋଗୀଙ୍କର ସଂପୂର୍ଣ୍ଣ ବିବରଣୀ ସେଥିରୁ ମିଳିପାରିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ।

---

# ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା

ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ସଂଯୋଗୀକରଣ ବ୍ୟବସ୍ଥାର ସମୟସୀମା ବୃଦ୍ଧି କରାଯାଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଆସନ୍ତା ୨୦୨୯-୩୦ ଆର୍ଥିକବର୍ଷ ପର୍ଯ୍ୟନ୍ତ ଏହାକୁ କାର୍ଯ୍ୟକାରୀ କରାଯିବ । ୧ ହଜାର ୫୪୭ କୋଟି ୫୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପ୍ରାୟ ୩ ହଜାର ୨୧୪ କିଲୋମିଟରରୁ ଊର୍ଦ୍ଧ୍ୱ ସଡ଼କପଥ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଛି । ଏହି ପ୍ରକଳ୍ପଗୁଡ଼ିକ ଗ୍ରାମ୍ୟ ଉନ୍ନୟନ

ବିଭାଗର ଯନ୍ତ୍ରୀଙ୍କ ମାଧ୍ୟମରେ ନିର୍ଦ୍ଧାରିତ ନୀତିନିୟମ ଅନୁଯାୟୀ କାର୍ଯ୍ୟକାରୀ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

# ପାଣିପାଗ

ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଜାରି ରହିଛି। ୨୪ ଘଣ୍ଟା ମଧ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ କଟକ, ଢେଙ୍କାନାଳ, ଅନୁଗୁଳ, କଳାହାଣ୍ଡି ଏବଂ ନବରଙ୍ଗପୁର ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଏବଂ ବରଗଡ଼ ଜିଲ୍ଲାରେ ମଧ୍ୟ ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି । ଏହି ସମୟ ମଧ୍ୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବାକୁ ପରାମର୍ଶ ଦିଆଯାଇଛି।

କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁରଠାରେ ଗତ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ୩୪୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ସକାଳ ୬ଟା ସୁଦ୍ଧା୬୨୨ ଦଶମିକ ୯/୫ଫୁଟ ରହିଥିଲା । ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୪୭ ହଜାର ୬୦୧ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ଏହି ସମୟ ମଧ୍ୟରେ ୧ ଲକ୍ଷ ୧୪ ହଜାର ୪୬୩ ଘନଫୁଟ ଜଳ ନିଷ୍କାସିତ ହେଉଛି ।

# ବନ୍ୟା-ସମୀକ୍ଷା

ଭଦ୍ରକ ଜିଲ୍ଲାରେ ସ୍ଥାୟୀ ବନ୍ୟା ନିୟନ୍ତ୍ରଣ ପଦକ୍ଷେପ ଉପରେ ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାୟକ ଗୁରୁତ୍ୱ ପ୍ରଦାନ କରିଛନ୍ତି । ବନ୍ୟାଞ୍ଚଳ ଗସ୍ତ ପରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଗତ ସନ୍ଧ୍ୟାରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ନାୟକ ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଏବଂ ତ୍ୱରିତ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବର୍ଷା ପରିସ୍ଥିତିକୁ ଦୃଷ୍ଟିରେ ରଖି ଭଦ୍ରକ, ତିହିଡ଼ି ଓ ଚାନ୍ଦବାଲି ବ୍ଲକର ୮୯ଟି ସ୍କୁଲ୍‌କୁ ଆଜି ବନ୍ଦ ରଖାଯାଇଛି ।

# ବର୍ଷା ବନ୍ୟା

ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକର ଭେଣ୍ଡିଆ ଗ୍ରାମର ଜଣେ ଚାଷୀ ପ୍ରବଳ ବର୍ଷା ଜନିତ ବନ୍ୟାରେ ଭାସିଯାଇଥିଲେ । ବରେହି ନଦୀରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି । ପାପଡ଼ାହାଣ୍ଡି ବ୍ଲକର ମୋକିଆ, ନବରଙ୍ଗପୁର ବ୍ଲକର ଦେଓଳା ଏବଂ ଭତରାସିଉନିଠାରେ ୧୬୮ଜଣଙ୍କୁ ସୁରକ୍ଷିତ ଭାବେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି ।

## ଓୟୁଏଟି ପ୍ରତିଷ୍ଠା ଦିବସ

ରାଜ୍ୟର ୩ଟି ଉତ୍ପାଦ ଉପରେ ଜିଆଇ ଟ୍ୟାଗ୍ ପାଇଁ ଆବେଦନ କରାଯାଇଛି । ଏହାର ଅନୁମୋଦନ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ-ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ସୂଚନା ଦେଇଛନ୍ତି । ଓୟୁଏଟି ଆଜି ୬୫ତମ ପ୍ରତିଷ୍ଠା ଦିବସ ପାଳନ କରୁଛି । ଏହାର ଅବ୍ୟବହିତ ପୂର୍ବରୁ ଗତକାଲି ସାମ୍ବାଦିକ ସମ୍ମିଳନୀରେ ପ୍ରଫେସର ରାଉଳ କହିଛନ୍ତି ସମ୍ବଲପୁରର ସରସତିଆ, ମାଣିକପାଟଣା ଦହି ଏବଂ ଢେଙ୍କାନାଳ ପାଳ ବାଇଗଣ ପାଇଁ ଜିଆଇ ଟ୍ୟାଗ୍ ଆବେଦନ କରାଯାଇଛି । ଏଥିସହ କେନ୍ଦୁଝରର ପେଜୁଆ ବିରିକୁ ମଧ୍ୟ ମାନ୍ୟତା ପ୍ରଦାନ ପାଇଁ ଆବେଦନ କରାଯାଇଥିବା ସେ କହିଛନ୍ତି । ଉତ୍ପାଦନ ବୃଦ୍ଧି ଲକ୍ଷ୍ୟରେ ଓୟୁଏଟି ଏପର୍ଯ୍ୟନ୍ତ ୨୧୭ରୁ ଅଧିକ ବିଭିନ୍ନ ଫସଲର ଅମଳକ୍ଷମ କିସମ ବିକଶିତ କରାଯାଇଛି ବୋଲି ପ୍ରଫେସର ରାଉଳ ସୂଚନା ଦେଇଛନ୍ତି ।

---

## ଝୁଲଣ ଯାତ୍ରା

ଶ୍ରୀକ୍ଷେତ୍ର ପୁରୀରେ ଗତକାଲିଠାରୁ ମହାପ୍ରଭୁଙ୍କ ଝୁଲଣ ଯାତ୍ରା ଆରମ୍ଭ ହୋଇଛି । ବିଭିନ୍ନ ମଠ ମନ୍ଦିରରେ ମଧ୍ୟ ଏହି ମହୋତ୍ସବକୁ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରାଯାଉଛି । ଶ୍ରୀମନ୍ଦିର ଏବଂ ମଠଗୁଡ଼ିକରେ ଶ୍ରଦ୍ଧାଳୁଙ୍କର ଭିଡ଼ ପରିଲକ୍ଷିତ ହୋଇଛି । ସପ୍ତାହେ ବ୍ୟାପି ଏହି ଯାତ୍ରାରେ ରାଧାକୃଷ୍ଣଙ୍କ ରାହାସ ଲୀଳା ପରିପ୍ରକାଶ ହୋଇଥାଏ ।

---

## ଶ୍ରାବଣ ସୋମବାର

ଶ୍ରାବଣ ମାସର ଚତୁର୍ଥ ତଥା ଶେଷ ସୋମବାରରେ ଆଜି ରାଜ୍ୟର ବିଭିନ୍ନ ଶୈବପୀଠରେ ଜଳଲାଗି ପାଇଁ କାଉଡିଆଙ୍କ ସମେତ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଛି । ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର, ଭଦ୍ରକର ଆଖଣ୍ଡଳମଣି, ନୟାଗଡ଼ ଲଡୁବାବା ପୀଠ,  ଢେଙ୍କାନାଳର କପିଳାସ ପୀଠ, କଟକର ବାବା ଧବଳେଶ୍ୱରଙ୍କ ପୀଠ, ପୁରୀ ଲୋକନାଥ ମନ୍ଦିର, ବାଲେଶ୍ୱରର ବାବା ପଞ୍ଚମହାଲିଙ୍ଗେଶ୍ୱର, କୋରାପୁଟର ଗୁପ୍ତେଶ୍ୱର ଆଦି ପୀଠଗୁଡ଼ିକରେ ଶ୍ରଦ୍ଧାଳୁ ଜଳାଭିଷେକ କରୁଛନ୍ତି ।

---

## ଶ୍ରୀବଳଦେବଜୀଉ ଜନ୍ମୋତ୍ସବ

ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ଶ୍ରୀବଳଦେବଜୀଉଙ୍କ ଜନ୍ମୋତ୍ସବ ଆସନ୍ତା ୨୭ ତାରିଖ ଗୁରୁବାର ଦିନ ପାଳନ କରାଯିବ । ପାଳିଆ ନିଯୋଗଙ୍କ ପକ୍ଷରୁ ଗତକାଲି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଠାକୁରଙ୍କ ନିର୍ଦ୍ଧାରିତ ସମୟରେ ନୀତିକାନ୍ତି ଶେଷକରିବା ତଥା ଅନ୍ୟାନ୍ୟ ସ୍ୱତନ୍ତ୍ର ନୀତି ନେଇ ବିସ୍ତୃତ ଆଲୋଚନା ହୋଇଛି । ସେହିଦିନ ସନ୍ଧ୍ୟାରେ ୧୦୮ ସେବାୟତଙ୍କ ପକ୍ଷରୁ ସାମୂହିକ ବଳଭଦ୍ର ସହସ୍ରନାମ ପାଠକରାଯିବାକୁ ନିଷ୍ପତ୍ତି ହୋଇଛି ।

---